## ୫ ଫୁଟର ନାଗ ଉଦ୍ଧାର

ଖୁଣ୍ଟା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ କନ୍ହେଇବନ୍ଧ ଗ୍ରାମରୁ ୫ ଫୁଟର ଏକ ଚମ୍ପା ନାଗ ଉଦ୍ଧାର ହୋଇଛି। ଗ୍ରାମର ଅଜୟ କୁମାର ଜେନାଙ୍କ ଘର ବାଡ଼ିକୁ ଆବଦ୍ଧ କରିବା ପାଇଁ ଲଗାଯାଇଥିବା ଜାଲରେ ସାପଟି ଫସି ରହିଥିବା ଦେଖିବାକୁ ମିଳିଥିଲା। ଖବରପାଇ ବନ ବିଭାଗର ବନ୍ୟପ୍ରାଣୀ ଉଦ୍ଧାରକାରୀ ସଦସ୍ୟ କୃଷ୍ଣଚନ୍ଦ୍ର ଗୋଛାୟତ ପହଞ୍ଚି ନାଗକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରିଥିଲେ। ସାପକୁ ଦେଖିବା ପାଇଁ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା।

## ସଂକ୍ଷେପରେ

### ୩ ଅପହରଣକାରୀଙ୍କୁ କାରାଦଣ୍ଡାଦେଶ

ବାରିପଦା ଅଫିସ,୫।୫-ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜଙ୍କ କୋର୍ଟରେ ବୁଧବାର ଏକ ନାବାଳିକା ଅପହରଣ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ୩ ଅଭିଯୁକ୍ତଙ୍କୁ ୨ବର୍ଷ ୬ମାସ କାରାଦଣ୍ଡାଦେଶ ପ୍ରଦାନ କରିବା ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ଏକ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତମାନେ ହେଲେ ରରୁଆଁ ଥାନା ଫୁଲଗୁଛା ଗ୍ରାମର କିଶୋର ପୂର୍ତ୍ତି, ଅଶୋକ କୁମାର ନାଏକ ଓ ଘାସିରାମ ନାଏକ। ଏହା ସହିତ ନାବାଳିକାଙ୍କୁ କ୍ଷତିପୂରଣ ବାବଦରେ ଏକ ଲକ୍ଷ ଟଙ୍କା ଆଇନ ସହାୟତା କର୍ତ୍ତୃପକ୍ଷ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୪ ଅଗଷ୍ଟ ୨୦ରେ ନାବାଳିକା ଜଣକ ସାଇକେଲରେ ସ୍କୁଲକୁ ଯିବା ବେଳେ କିଶୋର ବିବାହ କରିବା ପାଇଁ ଦୁଇ ସହଯୋଗୀଙ୍କ ସହ ମିଳିତ ଭାବେ ଏକ କାରରେ ତାଙ୍କୁ ଅପହରଣ କରି ନେଇଥିଲେ। ପରେ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଜଣେ ଗିରଫ

ପାଟଣା,୫।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ଗୁରୁବାର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଦୁଃଶାସନ ମୁଣ୍ଡା। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଗତ ମଙ୍ଗଳବାର ସନ୍ଧ୍ୟାରେ ନାବାଳିକା ଜଣକ ଘରେ ଏକୁଟିଆ ଥିବା ବେଳେ ଦୁଃଶାସନ ଘରେ ପଶି ବଳାତ୍କାର କରିଥିଲେ। ଉଭୟଙ୍କ ଡାକ୍ତରୀ ପରୀକ୍ଷା କରିବା ପରେ ଅଭିଯୁକ୍ତଙ୍କୁ ତୁରୁମୁଙ୍ଗା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୬୫/୨୨) ରୁଜୁ ହୋଇଛି।

### ହରିଣ ଉଦ୍ଧାର



ଉଦ୍ଧାର ହୋଇଥିବା ହରିଣ।

ବାଙ୍ଗିରିପୋଷି,୫।୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବନାଞ୍ଚଳ ଅଧୀନ ଗୋଲାମୁଣ୍ଡାକଟା ପଞ୍ଚାୟତ ଶାଳବଣି ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୁହାଳରୁ ଏକ ହରିଣକୁ ବନବିଭାଗ ଉଦ୍ଧାର କରିଛି। ହରିଣଟି ପଶ୍ଚିମବଙ୍ଗ ହାତୀବାରି ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି। ଚାଷ ଜମି ଚାରି କଡ଼ରେ ଥିବା ପ୍ଲାଷ୍ଟିକ ଜାଲରେ ହରିଣଟିର ଗୋଡ଼ ଲାଗିଯିବା ଫଳରେ ସେ ଜଙ୍ଗଲକୁ ଯାଇ ନ ପାରି ସେଠାରେ ପଡ଼ି ରହିଥିଲା । ଗୁରୁବାର ସକାଳୁ ଚାଷୀ ଜଣଙ୍କ ହରିଣକୁ ଧରି ନିଜ ଗୁହାଳରେ ବାନ୍ଧି ରଖିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀମାନେ ତାକୁ ଉଦ୍ଧାର କରି ଶିମିଳିପାଳର ମଥୁରାକେରାଇ ଜଙ୍ଗଲରେ ଛାଡ଼ି ଦେଇଥିବା ସୂଚନା ମିଳିଛି।

### ୧୬ ଚୋରି ବାଇକ୍ ଜବତ, ୫ ଗିରଫ

ଭଦ୍ରକ ଅଫିସ, ୫।୫-ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୬ଟି ଚୋରି ବାଇକ୍ ଜବତ କରିଛି। ଲୁଟେରା ଗ୍ୟାଙ୍ଗର ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ତିହିଡ଼ି ଥାନା ଅଞ୍ଚଳର ଚନ୍ଦନ ବେହେରା, ସାବରଙ୍ଗ ଥାନା ଅଞ୍ଚଳର ନିଲୁ ଓ ଉତ୍ତମ ଜେନା, ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳର ସୁବ୍ରତ ଗିରି ଓ ବାବୁଲା ରାଉଳ। ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଭଦ୍ରାକାଳୀ ପୀଠରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ତଦନ୍ତ କରି ଚନ୍ଦନଙ୍କ ଘରୁ ଚୋରି ବାଇକ୍ ସହ ଆଉ ଦୁଇଟି ବାଇକ୍ ଜବତ କରିଥିଲା। ପରେ ଚନ୍ଦନଠାରୁ ସୂଚନା ପାଇ ନିଲୁ ଓ ଉତ୍ତମଙ୍କ ଘରେ ଚଢ଼ାଉ କରାଯାଇଥିଲା। ସୁବ୍ରତ ଓ ବାବୁଲାଙ୍କୁ ପଚରାଉଚରା କରିବା ସହ ୧୩ ଚୋରା ବାଇକ୍ ଜବତ କରାଯାଇଥିଲା।

# ବନାଞ୍ଚଳରୁ ଲୁହାପଥର ଚୋରାଚାଲାଣ

ଯୋଡ଼ା/ଚମ୍ପୁଆ, ୫।୫ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ତଥା ଚମ୍ପୁଆ ରେଞ୍ଜ୍ ଅନ୍ତର୍ଗତ ଚମକପୁର ପ୍ରୋଟେକ୍ଟେଡ ରିଜର୍ଭ ଫରେଷ୍ଟ ଅଞ୍ଚଳରୁ ବନବିଭାଗ ଚଢାଉ କରି ଲକ୍ଷାଧିକ ଟଙ୍କାର ଲୁହାପଥର ଜବତ କରିବା ସହିତ ଏକ ଟ୍ରକ୍ ଜବତ କରିଛି। ଏଥିରେ ଜଣକୁ ବନବିଭାଗ ଅଟକ ରଖିଛି।

ବୁଧବାର ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ଚମ୍ପୁଆ ରେଞ୍ଜ୍‌ର ଶିବ ରାଉତଙ୍କ ନେତୃତ୍ୱରେ ବନବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଚମକପୁର ପିଆରଏଫ ଅଞ୍ଚଳରେ ଲାଇଟ ଜଳୁଥିବାର ଦେଖିବାକୁ ପାଇଥିଲେ। ଏଥିରେ ସନ୍ଦେହ ହେବାରୁ ଟିମ୍ ଉକ୍ତ ଅଞ୍ଚଳକୁ ଯିବା ପରେ ଦେଖିବାକୁ ପାଇଥିଲା ଯେ ଝାଡଖଣ୍ଡର ଏକ ଟ୍ରକ୍‌ରେ ଲୁହାପଥର ଚୋରା ଚାଲାଣ ପାଇଁ ବୋଝେଇ ହେଉଥିଲା । ଟିମକୁ ଦେଖି ଖଣିଜ ଚୋର ମାନେ ଛତ୍ରଭଙ୍ଗ ଦେଇଥିଲେ। ଏତଦ୍‌ବ୍ୟତୀତ ସେଠାରେ ଥିବା ପ୍ରାୟ ୩୦ ମେଟ୍ରିକ ଟନ୍ ଲୁହାପଥର ଜବତ ହୋଇଛି। ଖଣି ବିଭାଗ ପକ୍ଷରୁ ଇଣ୍ଟିଗ୍ରେଟେଡ ମାଇନ୍‌ସ ମିନେରାଲ ମ୍ୟାନେଜମେଣ୍ଟ ସିଷ୍ଟମ ସଫ୍ଟୱେର ଲଗାଇ ପ୍ରତି ରୁଟରେ ଚୋରା କାରବାରକୁ ପ୍ରତିହତ କରାଯାଇ ପାରିବ ବୋଲି କୁହାଯାଉଥିବା ବେଳେ ଏହାର କାର୍ଯ୍ୟକାରିତାକୁ ନେଇ ସନ୍ଦେହ ଉପୁଜୁଛି । କାରଣ ସଫ୍ଟୱେର ପରିଚାଳନା କରୁଥିବା କେତେକ ଅଧିକାରୀ ଓ ସରକାରୀ ଓଜନକଣ୍ଟାରେ ଥିବା କେତେ ଜଣ ଅସାଧୁ କର୍ମଚାରୀ ମାନେ ଏହି ଚୋରା କାରବାରକୁ ପରୋକ୍ଷରେ ପ୍ରଶୟ ଦେଉଛନ୍ତି ବୋଲି ଖଣି ବିଶାରଦ ମତ ଦେଇଛନ୍ତି।

ଗତ କିଛି ମାସ ହେବ ଚୋରା ଲୁହାପଥର ଓ ମାଙ୍ଗାନିଜ ପଥର କାରବାର କୋଇଡା ସୁନ୍ଦରଗଡ ସୀମାନ୍ତ ଅଞ୍ଚଳ, ବାଂଶପାଣି, ଜୁରୁଡି, ବାମେବାରୀ ଅଞ୍ଚଳ ତଥା କାନପୁର ଡ୍ୟାମ ନିର୍ମାଣ ହେଉଥିବା ବୁଡି ଅଞ୍ଚଳ ଏବଂ ବିଲେଇପଦା ଅଞ୍ଚଳରେ ଅହେତୁକ ପରିମାଣରେ ଚୋରା ଲୁହାପଥର କାରବାର ଅହେତୁକ ବୃଦ୍ଧି ପାଉଛି । ଟ୍ରକ ମାଲିକ, ପରିବହନକାରୀ ଠିକାସଂସ୍ଥା ତଥା କେତେକ ଖଣି ଲିଜଧାରୀ ମାନଙ୍କ ମଧ୍ୟରେ ମଧ୍ୟସ୍ତି ସାଜୁଥିବା କିଛି ବାହାର ରାଜ୍ୟର ଦଲାଲ ଆଇଥ୍ରୀଏମଏସରେ ପଞ୍ଜୀକରଣ ନ କରି ଜାଲ କାଗଜରେ ଏହି କାରବାର କରୁଛନ୍ତି। ଏଥିରେ ଅସାଧୁ ସରକାରୀ ଖଣି କର୍ମଚାରୀ ସାମିଲ ଥିବା ଶୁଣିବାକୁ ମିଳୁଥିଲେ ମଧ ଠିକ୍ ଭାବେ ତଦନ୍ତ ହେଉନାହିଁ ।



ଯୋଡ଼ା ବନବିଭାଗ ଦ୍ୱାରା ଜବତ ହୋଇଥିବା ଟ୍ରକ୍।

# ରାଜସ୍ୱ ବିଭାଗର ରାତିଅଧିଆ ଚଢ଼ାଉ

■ବାଲି ଉତ୍ତୋଳନ ଆଇନ ଉଲ୍ଲଂଘନ
■୪ ଜେସିବି, ୧୬ ଡମ୍ପର ଜବତ

ରୂପସା/ବସ୍ତା, ୫।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ତହସିଲ ଅଧୀନ ରାଜଘାଟସ୍ଥିତ ବାଲିଖାଦାନରେ ବୁଧବାର ବିଳମ୍ବିତ ରାତିରେ ଜିଲା ରାଜସ୍ୱ ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି। ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାସଙ୍କ ନେତୃତ୍ୱରେ ସଦର ଓ ରେମୁଣା ବ୍ଲକର ଅତିରିକ୍ତ ତହସିଲଦାର, ବସ୍ତା ଏସ୍‌ଡ଼ିପିଓ ଜଳନ୍ଧର ଜାଲି, ଆଇଆଇସି ସୁବ୍ରତ ବେହେରା ପ୍ରମୁଖ ୧ ପ୍ଲାଟୁନ ପୋଲିସ ଫୋର୍ସ ସହ ରାଜଘାଟ ନିକଟ ବେଣାପୁରା-୨ ବାଲି ଖାଦାନ ଉପରେ ଚଢ଼ାଉ କରି ୪ ଜେସିବି, ୧୬ ଡମ୍ପର ଜବତ କରିଥିଲେ। ପ୍ରଶାସନ ଆଖିରେ ଧୂଳିଦେଇ ବିଳମ୍ବିତ ରାତିରେ ମେଶିନରେ ବେଆଇନ ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗ ହୋଇଥିଲା। ବସ୍ତା ତହସିଲ ଅଧୀନ ସୁବର୍ଣ୍ଣରେଖା ନଦୀରେ ଅନେକଗୁଡିଏ ବାଲି ସଇରାତ ରହିଛି। ଡମ୍ପରରେ ଓଭରଲୋଡ଼ିଂ ହୋଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉ କରାଯାଇଥିଲା। ଗାଡ଼ି ଡ୍ରାଇଭରଙ୍କ ସମେତ ମାଫିଆମାନେ ଫେରାର ହୋଇଯାଇଥିଲେ। ବାଲି ସଇରାତ ମଧ୍ୟରେ ପୋଲିସ ଜଗି ରହିଛି। ଗୁରୁବାର ବାଲେଶ୍ୱର ଆରଟିଓ, ବସ୍ତା ତହସିଲଦାର ପହଞ୍ଚି ତଦନ୍ତ ଜାରି ରଖିଥିବା ଦେଖିବାକୁ ମିଳିଛି।



ବାଲି ସଇରାତ୍‌ରେ ପୋଲିସ ଜଗି ରହିଛି।

# ଅଙ୍ଗନୱାଡ଼ି କର୍ମୀଙ୍କ ଜିଲାପାଳ ଅଫିସ୍ ଘେରାଉ




ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଦାବି ପୂରଣ ନ ହେଲେ ଜୁଲାଇ ୧ରୁ କେନ୍ଦ୍ର ବନ୍ଦ ଚେତାବନୀ**

ବାଲେଶ୍ୱର ଅଫିସ, ୫।୫

ବାଲେଶ୍ୱର ଜିଲା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘର ଆହ୍ୱାନକ୍ରମେ ଅଙ୍ଗନୱାଡ଼ି କର୍ମୀମାନେ ଗୁରୁବାର ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ୍ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆୟୋଜିତ ପଥପ୍ରାନ୍ତ ସଭାରେ ସଂଘ ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦିକା ଗୌରୀ ଦାସ ଦାବି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ଜୁଲାଇ ପହିଲାରୁ ଜିଲାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ବନ୍ଦ କରିଦିଆଯିବ ବୋଲି ଜିଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ବାହାନଗା ବ୍ଲକରେ ଶିଶୁମାନଙ୍କ ପାଇଁ ବେଆଇନ ପୋଷାକ ବଣ୍ଟନକୁ ତଦନ୍ତ କରିବା, କର୍ମୀମାନଙ୍କୁ ନିୟମିତ ମାସିକ ଭତ୍ତା ଓ ଟିଏ, ଡିଏ ପ୍ରଦାନ, ଅଧିକ କାମକୁ ଅଧିକ ଅର୍ଥ, ଶିଶୁ ଓ ପ୍ରସୂତିମାନଙ୍କୁ ଠିକ୍‌ମାନର ଖାଦ୍ୟ ପ୍ରଦାନ ଆଦି ଦାବି କରାଯାଇଛି। ଏହାକୁ ସମର୍ଥନ ଜଣାଇ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ମାୟାଧର ନାୟକ, ଜିଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା, ଶଶିକାନ୍ତ ବେହେରା, ଆଇନଜୀବୀ ନିରଞ୍ଜନ ପରିଡ଼ା, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ସିପିଆଇର ଜିଲା ସମ୍ପାଦକ ନିରଞ୍ଜନ ବାରିକ, ବିଦ୍ୟୁତ୍ କର୍ମଚାରୀ ନେତା ଭରତଚନ୍ଦ୍ର ସେଠୀ, ଉଠା ଜଳସେଚନ ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ଶରତଚନ୍ଦ୍ର ଦଳାଇ, ହିତାଧିକାରୀଙ୍କ ପକ୍ଷରୁ ଦୟାନିଧି ଦାସଙ୍କ ସମେତ ସଂଘରୁ ଆରତୀ ଦାସମହାପାତ୍ର, କବିତା ମହାନ୍ତି ଓ ରଶ୍ମିରେଖା ଲେଙ୍କା ପ୍ରମୁଖ ଦାବି ପୂରଣ ଦିଗରେ ଜିଲାପାଳ ଓ ଡିଏସ୍‌ଡବ୍ଲୁଙ୍କ ଆନ୍ତରିକତାର ଅଭାବ ବୋଲି ଅଭିଯୋଗ କରିଥିଲେ। ପରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବିଭିନ୍ନ ବ୍ଲକ କମିଟି ପକ୍ଷରୁ ଅନୁସୂୟା ଦଳାଇ, ନମିତା ସାହୁ, ମାଳତୀ ମିଶ୍ର, ସୁନନ୍ଦା ତାଲଦି, ରାଜଲକ୍ଷ୍ମୀ ପଣ୍ଡା, ବୀଣାପାଣି ମଲ୍ଲିକ, ସୁକାନ୍ତି ବିଶ୍ୱାଳ, ସାଗରିକା କର, ବସୁମତୀ ପ୍ରଧାନ, ଜମ୍ବୁବତୀ ମହାନ୍ତି, ଶାନ୍ତିଲତା ମିଶ୍ର, ଗୀତାଞ୍ଜଳି ପଣ୍ଡା, ସବିତାରାଣୀ ସାହୁ ଓ ସବିତା ତ୍ରିପାଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଗଡ଼ିଲା ବହୁ ପ୍ରତୀକ୍ଷିତ ପୁରୀ-ବଡ଼ବିଲ ଏକ୍ସପ୍ରେସ ଟ୍ରେନ୍

କେନ୍ଦୁଝର, ୫।୫ (ସ୍ୱ.ପ୍ର.)

ଦୀର୍ଘ ବର୍ଷ ହେଲା କୋଭିଡ କଟକଣା ପାଇଁ ବନ୍ଦ ରହିଥିବା ପୁରୀ-ବଡବିଲ-ପୁରୀ ଏକ୍ସପ୍ରେସ ଟ୍ରେନ ଗୁରୁବାରଠାରୁ ଚଳାଚଳ କରିଛି। ଏହି ଟ୍ରେନ ସକାଳୁ ନିର୍ଦ୍ଧାରିତ ସମୟରେ ପୁରୀରୁ ବାହାରି କେନ୍ଦୁଝର ଦେଇ ବଡବିଲରେ ଅପରାହ୍ନରେ ପହଁଚିଥିଲା। ଏହାକୁ ନେଇ ଜିଲାବାସୀ ଖୁସିବ୍ୟକ୍ତ କରିଛନ୍ତି। ପୁରୀରେ ଏହି ଟ୍ରେନ୍‌କୁ ସେଠାରେ ଥିବା କେନ୍ଦୁଝର ବାସୀ ମାନେ ସକାଳେ ଉପସ୍ଥିତ ରହି ସ୍ୱାଗତ କରିଥିବା ବେଳେ ଜିଲାର ବିଭିନ୍ନ ଷ୍ଟେଶନର ମଧ ସ୍ଥାନୀୟ ଲୋକେ ଅପେକ୍ଷା କରି ଟ୍ରେନ୍‌କୁ ସ୍ୱାଗତ କରିଥିଲେ। ପ୍ରଥମ ଦିନରେ କମ୍ ଯାତ୍ରୀ ଯାଇଥିଲେ ହେଁ ଏହା ଜିଲାର ବିଶେଷ କରି ଗରିବ ତଥା ସାଧାରଣ ଲୋକଙ୍କ ଯାତ୍ରା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କେନ୍ଦୁଝର ଯୁବ ପରିଷଦର ସଭାପତି ବରଦା ପ୍ରସନ୍ନ ଦାସ କହିଛନ୍ତି ।

# 'ଓଡ଼ିଶୀ ନୃତ୍ୟ ଓଡ଼ିଆଙ୍କ ପରିଚୟ'

**ସରିଲା କପିଳମୁନି ମହୋତ୍ସବ**

ଭଦ୍ରକ ଅଫିସ,୫।୫

ଭଦ୍ରକ ଟାଉନ ହଲ୍‌ରେ ବାସୁଦେବପୁର ବ୍ଲକ ବିଦେଇପୁର ଲଉଡ଼ି ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜିତ ଦୁଇଦିନିଆ କପିଳମୁନି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ନାଟ୍ୟକାର ସୁଧାଂଶୁ ଶେଖର ନାୟକ, ଗୁରୁ ସୁଧାକର ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଶୀ ନୃତ୍ୟ ଓଡ଼ିଶା ତଥା ଓଡ଼ିଆଙ୍କ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ସଙ୍ଗଠନର ଉପଦେଷ୍ଟା ମନୋଜ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ପ୍ରତିଭାଙ୍କୁ କପିଳମୁନି, କପିଳମୁନି ଶାନ୍ତି ସେବା ଓ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଓଡ଼ିଶୀ ନୃତ୍ୟ, ଦିବ୍ୟାଙ୍ଗ କଳାକାର ହରିହରଙ୍କ ଏକକ ଅଭିନୟ, କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଣ୍ଡଳ, ଅନ୍ୟତମ ଅତିଥି ଭାବେ ନାଟ୍ୟକାର ସୁଧାଂଶୁ ନାୟକ, ଯାତ୍ରାଭିନେତା ଦୈତାରି ପଣ୍ଡା ଓ ଲଉଡ଼ି ଗବେଷଣା କେନ୍ଦ୍ରର ଉପଦେଷ୍ଟା ମନୋଜ କୁମାର ଦାସ ଯୋଗ ଦେଇଥିଲେ। ମନୋଜ ପଣ୍ଡା ଏବଂ ଗୋପାଳ ଦାସ ସଂଯୋଜନା କରିଥିଲେ। କବି ଶ୍ରୀ ଗୋବିନ୍ଦ, କୁମାର ଗୌତମ ପ୍ରମୁଖ ପରିଚାଳନା କରିଥିଲେ। ସମ୍ପାଦକ ଗୁରୁ ନିତ୍ୟାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ।




ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଜିଲାସ୍ତରୀୟ ପେନ୍‌ସନ ଅଦାଲତ




ପେନସନ ଅଦାଲତରେ ଉପସ୍ଥିତ ଅତିଥି।

ବାରିପଦା ଅଫିସ,୫।୫

ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲା ପ୍ରଶାସନ ସହଯୋଗରେ ଦୁଇଦିନିଆ ଜିଲାସ୍ତରୀୟ ପେନସନ ଅଦାଲତ ବାରିପଦା ମୁର୍ଗାବାଡିସ୍ଥିତ ପ୍ରୟାସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଠିକ୍ ସମୟରେ କର୍ମଚାରୀମାନଙ୍କ କାଗଜପତ୍ର ଏଜି ଅଫିସକୁ ପଠାଯାଉ ନ ଥିବାରୁ ପେନସନ ପ୍ରଦାନରେ ବିଳମ୍ବ ହେଉଥିବା ମହାଲେଖାକାର ଶ୍ରୀରାଜ ଅଶୋକ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ସହକାରୀ ମହାଲେଖାକାର ମୁକୁଲ ଜାମଲୋଖି, ତାନ୍ୟା ଅମ୍ବାସ୍ତି, ଉପ ଲେଖା ନିୟନ୍ତ୍ରକ ପୁଷ୍ପଶ୍ରୀ ସାହୁ ଓ ଅନୁଶାସନ ସଚିବ ସୁବୋଧ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ବାରିପଦା ଓ କପ୍ତିପଦା ସବ୍ ଡିଭିଜନର ବକେୟା ପେନସନ ଉପରେ ଶୁଣାଣି କରାଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଶୁକ୍ରବାର ରାଇରଙ୍ଗପୁର ଓ କରଞ୍ଜିଆ ସବଡିଭିଜନ ପାଇଁ ପେନସନ ଅଦାଲତ ଅନୁଷ୍ଠିତ ହେବ। ବରିଷ୍ଠ ଲେଖା ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ ଓ ସୁଶୀଲ ମିଶ୍ର ଜୁଲାଇଠାରୁ ନୂଆ ପଦ୍ଧତିରେ ଅନ୍‌ଲାଇନ ମାଧମରେ ପେନସନ କାଗଜକୁ କିପରି ଭାବେ ପଠାଯିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ସହକାରୀ ଲେଖା ଅଧିକାରୀ କଲ୍ୟାଣ ପଣ୍ଡା ଓ ଚନ୍ଦ୍ରଶେଖର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପ ଜିଲାପାଳ ପ୍ରମିଳା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## କାଳବୈଶାଖୀରେ ଉଡ଼ିଲା ଛପର

**ବଜ୍ରପାତରେ ଗାଈ, ବାଛୁରୀ ମୃତ**

ପଦ୍ମପୁର, ୫।୫ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତରେ ଗୁରୁବାର କାଳବୈଶାଖୀ ପ୍ରଭାବରେ କ୍ଷୟକ୍ଷତି ଘଟିଛି। ଅପରାହ୍ନରେ ପ୍ରବଳ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହୋଇଥିଲା। ଏଥିସହ ବଜ୍ରପାତରେ ଡାଙ୍ଗମାଳ ଗ୍ରାମର ଜୟନ୍ତ ବେହେରାଙ୍କର ଗୁହାଳ ପୋଡ଼ିଯିବା ସହ ଗୋଟିଏ ଗାଈ ଓ ବାଛୁରୀଙ୍କ ମୃତ୍ୟୁ ଘଟିଛି। ବର୍ଷା ପବନରେ ଶତାଧିକ ମାଟିଘର ଚାଳ ଛପର ସମ୍ପୂର୍ଣ୍ଣ ଉଡ଼ିଯାଇଛି। ଦଧିବାମନପୁର ଗ୍ରାମର କାହ୍ନୁ ପରିଡ଼ା, ପ୍ରଫୁଲ୍ଲ ମାଝି, ଦୁର୍ଯ୍ୟୋଧନ ମାଉନ୍ତ, ବିଦ୍ୟାଧର ମାଉନ୍ତ, ସୁନାଭୁଇଁ ଗ୍ରାମର ବଳରାମ ମଲିକଙ୍କ ଘର ଛପର ଉଡ଼ିଯାଇଛି। ସେହିପରି ୨୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାଇଥିବା ବେଳେ ୩ଟି ଖୁଣ୍ଟ ପଡ଼ି ମାଟିଘର ଭାଙ୍ଗିଯାଇଛି। ରାସ୍ତାପାର୍ଶ୍ୱରେ ଲାଗିଥିବା ପୂର୍ତ୍ତ ବିଭାଗର ବିଭିନ୍ନ ସୂଚନା ଫଳକ, ଉପ ସ୍ୱାସ୍ଥ୍ୟକେନ୍ଦ୍ରର ନାମଫଳକ ଉପୁଡ଼ି ପଡ଼ିଛି।

## ମହିଳାଙ୍କୁ ହତ୍ୟା ଧମକ: ଅଭିଯୁକ୍ତ ଗିରଫ

ବୈଶିଙ୍ଗା,୫।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ଜନୈକା ମହିଳାଙ୍କଠାରୁ ମୋବାଇଲ ଝାମ୍ପିନେଇ ଫେରାର ହୋଇ ଯାଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗତ ସୋମବାର ରାତିରେ ମହିଳା ଜଣକ ଘରେ ରୋଷେଇ କରୁଥିବା ସମୟରେ ସେହି ଗ୍ରାମର ଜଣେ ଯୁବକ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ଯିବା ପୂର୍ବରୁ ଅଭିଯୁକ୍ତ ଘଟଣା ପ୍ରକାଶ କଲେ ହତ୍ୟା କରିବାକୁ ଧମକ ଦେଇ ମହିଳାଙ୍କ ମୋବାଇଲ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୧୨୦/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

## ବାଲିଚୋରି ରୋକିବାକୁ ପ୍ରଶାସନ ତତ୍ପର

**ଜଳେଶ୍ୱର, ୫।୫(ଡି.ଏନ.ଏ.):** ସୁବର୍ଣ୍ଣରେଖା ନଦୀରୁ ବାଲି ଚୋରି ରୋକିବାକୁ ପ୍ରଶାସନ ଅଣ୍ଟା ଭିଡିଛି। ବୁଧବାର ବିଳମ୍ବିତ ରାତିରେ ଜଳେଶ୍ୱର ତହସିଲ ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢାଉ କରି ବେହେରାସାହି ନିକଟରୁ ଏକ ଜେସିବି ଜବତ କରିଛି । ନଦୀବନ୍ଧ ତାଡି ରାସ୍ତା ନିର୍ମାଣ କରୁଥିବା ବେଳେ ପଶ୍ଚିମବଙ୍ଗର ଏକ ଜେସିବିକୁ ଜବତ କରାଯାଇ ରାଇବଣିଆ ଥାନାରେ ରଖାଯାଇଛି । ଉଲ୍ଲେଖଯୋଗ୍ୟ, ସେଠାରେ ୨ ବେଆଇନ ବାଲିଖାଦାନ ରହିଥିବା ବେଳେ ୩ୟ ବେଆଇନ ବାଲି ଖାଦାନକୁ ରାସ୍ତା ନିର୍ମାଣ କରାଯାଉଥିଲା ।

# ଟ୍ରକ୍ ଚାଳକଙ୍କୁ ଆକ୍ରମଣ, ୩ ଗିରଫ

ବଡ଼ବିଲ, ୫।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ-ନାଲଦା ରାଜ୍ୟ ରାଜପଥରେ ଟ୍ରକ୍ ଚାଳକଙ୍କୁ ଅକ୍ରମଣ କରି ମୋବାଇଲ ଓ ଟଙ୍କା ଲୁଟିବା ଅଭିଯୋଗରେ ପୋଲିସ ଗୁରୁବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ବିଲ ବରକତ ନଗର ଅଞ୍ଚଳରେ ରହୁଥିବା ଏମଡି ତୌଫିକ୍ ଓ ଏମଡି ରାଜୁ ଏବଂ ବାଗିଆବୁରୁ ହଟିଂ ଅଞ୍ଚଳରେ ରହୁଥିବା ସାହାବୁଦ୍ଦିନ ଖାନ। ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ବଡବିଲ-ନାଲଦା ରାଜ୍ୟ ରାଜପଥର ରେଲୱେ କ୍ରସିଂରେ ଟ୍ରକ୍ ସବୁ ଧାଡିବାନ୍ଧି ଛିଡା ହୋଇଥିବାବେଳେ ଚାଳକ ସନ୍ତୋଷ ପ୍ରସାଦ ନିଜ ଟ୍ରକ ମଧ ଧାଡିରେ ଛିଡା କରି ଗାଡିରୁ ଓହ୍ଲାଇ ପିଇବା ପାଇଁ ପାଣି ଆଣିବାକୁ ଯାଇଥିଲେ। ସନ୍ତୋଷ ପାଣି ଆଣି ଟ୍ରକରେ ଚଢିବାବେଳେ ହଠାତ୍ ୪ଦୁର୍ବୃତ୍ତ ଏକ ବାଇକ୍ ଯୋଗେ ଆସି ଟ୍ରକ ବଢାଇବାକୁ କହି ଗାଳିଗୁଲଜ କରିଥିଲେ। ଚାଳକ ଜଣକ ଏହାର ବିରୋଧ କରିବାରୁ ଦୁର୍ବୃତ୍ତମାନେ ନିକଟରେ ଛିଡା ହୋଇଥିବା ଜଣେ ସୁରକ୍ଷା କର୍ମୀଙ୍କ ଠାରୁ ଲାଠି ଛଡାଇନେଇ ଚାଳକ ସନ୍ତୋଷଙ୍କୁ ଆକ୍ରମଣ କରିବାସହ ତାଙ୍କ ନିକଟରୁ ମୋବାଇଲ ଓ ୧୩,୮୦୦ ଟଙ୍କା ଲୁଟି ନେଇଥିବା ଷ୍ଟେଶନ ରୋଡ ଅଞ୍ଚଳରେ ରହୁଥିବା ଟ୍ରକ ମାଲିକ ଗୁରୁମିତ ସିଂହ ବଡବିଲ ଥାନାରେ ଅଭିଯୋଗ କରିଥିଲେ। ବଡ଼ବିଲ ପୋଲିସ ଏନେଇ ଏକ ମାମଲା (ନଂ.୭୯/୨୦୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

# ବିକ୍ରି ହେଉନି ବନଜାତ ଦ୍ରବ୍ୟ

**ଆଦିବାସୀ ଶୋଷଣର ଶିକାର**



ଦୁଇ ମହିଳା ମହୁଲ ଫୁଲ ସଂଗ୍ରହ କରୁଛନ୍ତି।

କୁଆମରା,୫।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ବନଜାତ ଦ୍ରବ୍ୟର ଅଭାବୀ ବିକ୍ରି ସମସ୍ୟା ଦେଖାଦେଇଛି। ଫଳରେ ଏଠାକାର ଆଦିବାସୀମାନେ ଶୋଷଣର ଶିକାର ହେଉଛନ୍ତି। ସେମାନେ ସଂଗ୍ରହ କରିଥିବା ମହୁଲ ଓ ଶାଳ ଫୁଲ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଆଦିବାସୀ ବହୁଳ ଏହି ବ୍ଲକର ୮୦ ପ୍ରତିଶତ ଲୋକ ଗରିବ ଓ ଖଟିଖିଆ ଶ୍ରେଣୀର ହୋଇଥିବାରୁ ଏହା ସେମାନଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି। ସରକାର ଓ ବନ ବିଭାଗ ପକ୍ଷରୁ ବନଜାତ ଦ୍ରବ୍ୟ ବିକ୍ରି ଲାଗି ବ୍ୟବସ୍ଥା କରାଯାଉ ନ ଥିବାରୁ ଦଲାଲ ଓ ବେପାରୀମାନେ ମାଲେମାଲ ହେଉଛନ୍ତି।

ଚଳିତ ବର୍ଷ ମାର୍ଚ୍ଚ ଏବଂ ଏପ୍ରିଲରେ ମହୁଲ ଓ ଶାଳ ମଞ୍ଜି ସଂଗ୍ରହ ପରେ ଲୋକଙ୍କ ଘରେ ଜମା ହୋଇ ରହିଛି। ୨୦୦୮ରେ ବନଜାତ ଦ୍ରବ୍ୟ କିଣିବା ପାଇଁ ସରକାର ପଞ୍ଚାୟତମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗୋପବନ୍ଧୁନଗର ବ୍ଲକରେ ସେପରି କୌଣସି ବ୍ୟବସ୍ଥା କରାଯାଇନାହିଁ। ଲଘୁ ବନଜାତ ଦ୍ରବ୍ୟ ବିକ୍ରି ଲାଗି ସରକାରଙ୍କ ପକ୍ଷରୁ ଯଦି ମଣ୍ଡି ଖୋଲାଯାଆନ୍ତା ତେବେ ଆଦିବାସୀମାନେ ଉପକୃତ ହୋଇ ପାରନ୍ତେ ବୋଲି ରବୀନ୍ଦ୍ର ସିଂ, କୃପାସିନ୍ଧୁ ସିଂ, ଶ୍ୟାମ ସିଂ, ଜିତୁ ସିଂ, ବାସନ୍ତୀ ସିଂ ଓ ହୀରାମଣୀ ସିଂ ପ୍ରମୁଖ କହିଛନ୍ତି। ଏସଂକ୍ରାନ୍ତରେ ଫରେଷ୍ଟର କେ. ସୋରେନଙ୍କୁ ପଚାରିବାରୁ ସରକାର କିମ୍ବା ବନ ବିଭାଗ ପକ୍ଷରୁ ଏ ନେଇ କୌଣସି ବ୍ୟବସ୍ଥା ନାହିଁ ବୋଲି କହିଛନ୍ତି।

